# ପ୍ରଚାର

✲✲✲✲✲✲✲✲✲✲✲✲✲✲✲✲✲✲✲✲✲✲✲✲✲✲✲✲✲✲✲✲

-ଆମର କାର୍ଯ୍ୟ ତଥା ଆମର ଆଚରଣ ହିଁ ପ୍ରଚାରର ସର୍ବୋତ୍ତମ ମାଧ୍ୟମ ଅଟେ । କାରଣ ଆମର କାର୍ଯ୍ୟ ଆମର କଥା ଅପେକ୍ଷା ତୀବ୍ର ଗତିରେ ପ୍ରତିକ୍ରିୟା ସୃଷ୍ଟି କରିଥାଏ ।

- ପ୍ରଚାରର ଅର୍ଥ କେବଳ ନିଜର ବୁଦ୍ଧିମତ୍ତା ବା ବାକ୍ ପଟୁତା ଦ୍ୱାରା କାହାକୁ ପରାସ୍ତ ନ କରି ତାହାର ହୃଦୟ ପରିବର୍ତ୍ତନ କରିବା ।

- କିନ୍ତୁ ସ୍ୱାଭାବିକ ଭାବରେ ଏହାର ଅର୍ଥ ନୁହେଁ ଯେ ଆମେ ତତ୍ତ୍ୱଜ୍ଞାନ ଭଲ ଭାବରେ ଜଣାଇବା ନାହିଁ । ପ୍ରତ୍ୟେକ ଭକ୍ତଙ୍କୁ ଶ୍ରୀଲ ପ୍ରଭୁପାଦଙ୍କ ଗ୍ରନ୍ଥକୁ ଗମ୍ଭୀର ଭାବେ ଅଧ୍ୟୟନ ଓ ହୃଦୟଙ୍ଗମ କରି ଦୃଢ଼ ବିଶ୍ୱାସର ସହିତ ଅନ୍ୟ ସମକ୍ଷରେ ତାହାକୁ ବର୍ଣ୍ଣନା କରିବା ଉଚିତ୍ ।

- ଅନ୍ୟ ପୁସ୍ତକ ପଢ଼ିବା ପାଇଁ କିମ୍ବା ପ୍ରଚାର କିଭଳି କରିବା ଏହା ଶିଖିବା ପାଇଁ ଅନ୍ୟ ତତ୍ତ୍ୱଜ୍ଞାନୀଙ୍କ ନିକଟକୁ ଯିବାର ଆବଶ୍ୟକତା ନାହିଁ । ଶ୍ରୀଲ ପ୍ରଭୁପାଦଙ୍କ ଶିକ୍ଷାର ଆଦର୍ଶ ଅନୁଗାମୀ ହିଁ ଏକ ସର୍ବୋତ୍ତମ ପ୍ରଚାରକ ଅଟେ ।

- ପ୍ରଚାର କରିବା ସମୟରେ ଶ୍ରେଷ୍ଠତାର ଭାବନା ନିଜ ମନ ମଧ୍ୟରେ ନ ରଖି ଅନ୍ୟକୁ ସହାୟତା କରିବାର ମହତ୍ ଭାବନା ରହିବା ଉଚିତ୍ ।

- ପ୍ରଚାର କରିବା ସମୟରେ ଆମେ କେବଳ ଏକ ସନ୍ଦେଶ ବାହକ ଭଳି ଗୁରୁ ତଥା ପୂର୍ବତନ ଆଚାର୍ଯ୍ୟଙ୍କର ସନ୍ଦେଶ ଅନ୍ୟ ନିକଟରେ ପହଞ୍ଚାଇବା ଉଚିତ୍ । କିନ୍ତୁ ଏହା କରିବା ସମୟରେ ଆମେ ନିଜ ଗୁରୁଙ୍କ ଅପେକ୍ଷା ଆହୁରି ଭଲଭାବରେ ପ୍ରଚାର କରିପାରିବା, ଏ ଭାବନା କେବେ ମନକୁ ଆଣିବା ଉଚିତ୍ ନୁହେଁ । ଆମେ ଯେତେ ନିଷ୍ଠାର ସହିତ ଗୁରୁଙ୍କର ସନ୍ଦେଶକୁ ପ୍ରଚାର କରିପାରିବା ସେତେ ଆମେ ଗୁରୁ କୃପା ତଥା ଶକ୍ତି ଲାଭ କରିପାରିବା ।

- ଆମେ ଯେଉଁ ବ୍ୟକ୍ତିକୁ ପ୍ରଚାର କରୁଛୁ ତାଙ୍କପ୍ରତି ସହାନୁଭୂତିଶୀଳ ଏବଂ ତା'ର ଶୁଭ ଚିନ୍ତକ ହେବା ଆବଶ୍ୟକ । ମାର୍ଗଦର୍ଶକ ଭାବେ ତା'ର ଛୋଟ ଛୋଟ ଭୌତିକ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିବା ଅତ୍ୟନ୍ତ ଆବଶ୍ୟକ ହୋଇଥାଏ ।

- ସର୍ବଦା ସତ୍ୟ କହିବା ଉଚିତ୍ । କିନ୍ତୁ ସତ୍ୟ କହିବା ସମୟରେ ଦେଶ, କାଳ, ପାତ୍ରକୁ ଧ୍ୟାନ ରଖିବା ଅତି ଆବଶ୍ୟକ ଅଟେ । ପ୍ରଚାରକ ପ୍ରଚାର  କରିବା ସମୟରେ ଏହି କଥାକୁ ଧ୍ୟାନ ଦେବା ଉଚିତ୍ ଯେ ଲୋକମାନଙ୍କୁ କୃଷ୍ଣ  ଭାବନାରେ ଭାବିତ କରାଇବା ଆମର ପ୍ରଧାନ ଉଦ୍ଦେଶ୍ୟ ଅଟେ । ଆଉ ଏଥିପାଇଁ ଯାହା ଆବଶ୍ୟକ ତାହା କରିବା ଉଚିତ୍ ।

- ଭକ୍ତିରସାମୃତ ସିନ୍ଧୁରେ ଶ୍ରୀଲ ରୂପ ଗୋସ୍ୱାମୀ ପ୍ରଚାରର ଉଦ୍ଦେଶ୍ୟ ବହୁତ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି, "ଯେନ କେନ ପ୍ରକାରେଣ ମନଃ କୃଷ୍ଣ ନିବେଶୟେତ୍", ଯେ କୌଣସି ପ୍ରକାରେ ବ୍ୟକ୍ତିକୁ ସର୍ବଦା ଭଗବାନ ଶ୍ରୀକୃଷ୍ଣଙ୍କର ଚିନ୍ତା କରିବା ଉଚିତ୍ ।

- ପ୍ରଚାର  କରିବା ସମୟରେ ପ୍ରଚାରକଙ୍କୁ ନିଜର ବିଚାର ଧାରାକୁ ସଂଯମିତ କରିବା ଆବଶ୍ୟକ ଅଟେ । ଉତ୍ତମ ପ୍ରଚାରକ ବିଭିନ୍ନ ସ୍ତରର ଭକ୍ତଙ୍କର ଆବଶ୍ୟକତାକୁ ଭଲଭାବରେ ବୁଝିଥାନ୍ତି । ଯେଉଁଭଳି ଭୌତିକ ଜୀବନରେ ଓକିଲ, ଡାକ୍ତର, ବ୍ୟାଙ୍କ, ବ୍ୟବସାୟୀ ଏ ସମସ୍ତଙ୍କର ଆବଶ୍ୟକତା ରହିଛି, ସେହିଭଳି ସାମାଜିକ, ଆଧ୍ୟାତ୍ମିକ

ଜୀବନରେ ବ୍ରହ୍ମଚାରୀ, ବାନପ୍ରସ୍ଥୀ, ସନ୍ନ୍ୟାସୀଙ୍କ ଭଳି ତ୍ୟାଗୀ ବ୍ୟକ୍ତି ତଥା ଆଶ୍ରମବାସୀଙ୍କ ବ୍ୟତିତ ଗୃହସ୍ଥଙ୍କର ମଧ୍ୟ ଆବଶ୍ୟକତା ରହିଛି । କୃଷ୍ଣ ଭକ୍ତି ଅନୁଶୀଳନୀରେ ତ୍ୟାଗୀ ଓ ଗୃହୀ ଉଭୟ ମହତ୍ତ୍ୱପୂର୍ଣ୍ଣ ଅଟନ୍ତି ।

– କୌଣସି ବ୍ୟକ୍ତିଙ୍କୁ ପ୍ରଚାର କରୁଥିବା ସମୟରେ ସେହି ବ୍ୟକ୍ତିର କୃଷ୍ଣଭାବନା ବୃଦ୍ଧି ନିମିତ୍ତ ଯାହା ସର୍ବୋତ୍ତମ ଅଟେ ତାହା ମାର୍ଗଦର୍ଶନ କରାଇବା ଉଚିତ୍ ।

– ନୂଆ ଲୋକଙ୍କୁ ପ୍ରଚାର କରୁଥିବା ସମୟରେ ପ୍ରଚାରକ ଯେତିକି କଥା କହିବା ଆବଶ୍ୟକ ସେତିକି କଥା କହିବା ଉଚିତ୍ । ତାଙ୍କୁ ଆନ୍ତରିକ ସହକାରେ ଆଦର ସତ୍କାର ଏବଂ ପ୍ରେମପୂର୍ବକ ବ୍ୟବହାର କରିବା ଉଚିତ୍ ।

– ଛୋଟ ବଡ଼ ଉତ୍ସବରେ ଅତିଥି, ନବାଗତ ଭକ୍ତ ଆଦିଙ୍କୁ ପ୍ରଥମେ ଧ୍ୟାନ ଦେବା ଆବଶ୍ୟକ । ଏହିପ୍ରକାରେ ନିୟମିତ ଆସୁଥିବା ଭକ୍ତ ଯେପରି ଉପେକ୍ଷିତ ନ ହୁଅନ୍ତି ସେଥିପ୍ରତି ମଧ୍ୟ ଲକ୍ଷ୍ୟ ରଖିବା ଉଚିତ୍ ।

– ପ୍ରବଚନ ପରେ ପ୍ରଶ୍ନୋତ୍ତର ସମୟରେ ବିଶେଷ ଭାବେ ନୂତନ ଭକ୍ତ ଏବଂ ଅତିଥିଙ୍କୁ ପ୍ରଶ୍ନ ପଚାରିବା ପାଇଁ ଅବସର ଦେବା ଉଚିତ୍ । ବେଳେ ବେଳେ ନୂତନ ଭକ୍ତଙ୍କର ଭାବନାକୁ ଅନୁଧ୍ୟାନ କରି ତାଙ୍କ ନିମନ୍ତେ ବାତାବରଣ ପ୍ରସ୍ତୁତ କରି ପୁରାତନ ଭକ୍ତ ସେହିପ୍ରକାର ପ୍ରଶ୍ନ ପଚାରି ପାରନ୍ତି । ଅଥବା ନୂତନ ଭକ୍ତଙ୍କର ପ୍ରଶ୍ନର ସମାଧାନ ପରେ ସମୟ ଯଦି ବଳିଥାଏ ତାହେଲେ ପୁରାତନ ଭକ୍ତ ପ୍ରଶ୍ନ ପଚାରିପାରନ୍ତି ।

– ପ୍ରଚାରକଙ୍କୁ ସମସ୍ତ ଜୀବଙ୍କ ପ୍ରତି କରୁଣା ମନୋଭାବ ପ୍ରଦର୍ଶନ କରିବା ଉଚିତ୍ । ସେମାନଙ୍କ ନିକଟରେ ଅପରାଧ କରିବା ଉଚିତ୍ ନୁହେଁ ।